# OFFICE OF ICDS PROJECT ATHMALLIK

# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ଯ୍ୟାଳୟ ଆଠମଲ୍ଲିକ

EMAIL: cdpoathma.or@nic.in

ବିଜ୍ଞାପନ ସଂଖ୍ୟା: ୫୬୭ / VI-09/2025 ତା: ୦୬.୧୧.୨୦୨୫

ଏତଦ୍ୱାରା ଆଠମଲ୍ଲିକ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରକଳ୍ପର ଅଖଉକଟା ଅଙ୍ଗନୱାଡି କେନ୍ଦ୍ରରେ ଖାଲିପଡିଥିବା ଅଙ୍ଗନୱାଡି ସହାୟିକା ପଦବୀ ପୂରଣ ନିମନ୍ତେ ଅନଲାଇନ ପୋର୍ଟାଲ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରକାଶ ଥାଉକି ଯେ ଏହି ବିଜ୍ଞାପନ ଓ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତ କୁ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ । ଏଥି ପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ ।

ଅଙ୍ଗନୱାଡି କେନ୍ଦ୍ର ଅବସ୍ଥିତ ଗ୍ରାମ ଓ ତା ସହିତ ସଂଲଗ୍ନ ଗ୍ରାମ/ପଡା ଅନ୍ତର୍ଭୁକ୍ତ ପ୍ରାର୍ଥିନୀ ମାନେ https://engagement-awc.odisha.gov.in ରେ ନିଜକୁ ପଞ୍ଜୀକରଣ କରି ନିର୍ଦ୍ଧାରିତ ତାରିଖ ମଧ୍ୟରେ ଆବେଦନ କରିପାରିବେ । ଆବେଦନ କେବଳ ଅନଲାଇନ ରେ ହିଁ ଗ୍ରହଣ କରିଯିବ ଏବଂ ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ।

ଆବେଦନ ଆରମ୍ଭ କରିବା ତାରିଖ :୦୮.୧୧.୨୦୨୫

ଆବେଦନ ଶେଷ କରିବା ତାରିଖ : ୨୨.୧୧.୨୦୨୫

ନିମ୍ନ ଲିଖିତ ଯୋଗ୍ୟତା ଭିତ୍ତିରେ ଇଚ୍ଛୁକ ପ୍ରାର୍ଥିନୀ ମାନେ ଦରଖାସ୍ତ ପଠାଇପାରିବେ ।

୧) ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଏବଂ ସମ୍ପୃକ୍ତ ଭାରପ୍ରାପ୍ତ ଅଙ୍ଗନୱାଡି କର୍ମୀଙ୍କ ଠାରୁ ଲିଖିତ ପ୍ରମାଣ ପତ୍ର ଏକାଠି ସଂଲଗ୍ନ କରି ଅନଲାଇନ ରେ ଅପଲୋଡ କରିବେ । (ଅଙ୍ଗନୱାଡି କର୍ମୀଙ୍କ ଠାରୁ ଲିଖିତ ପ୍ରମାଣ ପତ୍ର ସଂରୂପ ଆକାର annexure-୧ ରେ ଦିଆଯାଇଅଛି)

୨) ପ୍ରାର୍ଥିନୀ ଯଦି ତାଲିକାଭୁକ୍ତ ଅନୁସୂଚିତ ଜାତି କିମ୍ବା ଅନୁସୂଚିତଜନଜାତି ହୋଇଥିବେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ଜାତି ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୩) ପ୍ରାର୍ଥିନୀଙ୍କ ବୟସ ତା ୦୧.୦୧.୨୦୨୫ ରିଖ ସୁଦ୍ଧା ୧୮ ର ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଜରୁରୀ । ଜନ୍ମ ତାରିଖ ପ୍ରମାଣ ପତ୍ର (ଜନ୍ମ ପ୍ରମାଣ ପତ୍ର) ଅନଲାଇନ ରେ ଅପଲୋଡ କରିବେ ।

୪) ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ହୋଇଥିବା ଆବଶ୍ୟକ । ଯଦି ପ୍ରାର୍ଥିନୀ ଉଚ୍ଚ ଶିକ୍ଷା କରିଥିବେ,ଦ୍ୱାଦଶ ସହିତ ଉଚ୍ଚ ଶିକ୍ଷାର ପ୍ରମାଣ ପତ୍ର ଓ ମୂଲ୍ୟାଙ୍କନ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୫) ପ୍ରାର୍ଥିନୀ ଯଦି ବିଧବା ମହିଳା ହୋଇଥିବେ ତେବେ ତତ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ।

୬) ପ୍ରାର୍ଥିନୀ ଯଦି ସ୍ୱାମୀ ପରିତ୍ୟକ୍ତା ମହିଳା ହୋଇଥିବେ ତେବେ ନ୍ୟାୟାଳୟ ଠାରୁ ପ୍ରଦତ୍ତ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ।

୭) ପ୍ରାର୍ଥିନୀ ଯଦି ଅନାଥ ହୋଇଥିବେ, ତତ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

ଏହି ଅଧିସୂଚନା ଅନୁଯାୟୀ ଆବେଦନ କରିଥିବା ପ୍ରାର୍ଥିନୀ ମାନେ ତା.୨୪.୧୧.୨୦୨୫ ରିଖ ସକାଳ ୧୧ ଘଟିକା ସମୟରେ, ଅନଲାଇନ ରୁ ଡାଉନଲୋଡ କରିଥିବା ଆବେଦନ ପତ୍ର ଓ ଅପଲୋଡ କରିଥିବା ସମସ୍ତ ପ୍ରମାଣ ପତ୍ର ର ଅସଲି (original) ପତ୍ର ସହିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ । ଯାଞ୍ଚ ପ୍ରକ୍ରିୟାରେ ଯୋଗ ନ ଦେଇଥିବା ପ୍ରାର୍ଥିନୀଙ୍କୁ କର୍ମୀ ଚୟନ ପ୍ରକ୍ରିୟାରେ ବିଚାରକୁ ନିଆଯିବ ନାହିଁ ।

ଅଙ୍ଗନୱାଡି ସହାୟିକା ପଦବୀ ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ରର ର ନାମ ନିମ୍ନରେ ଦିଆଗଲା

| କ୍ରମିକ ସଂଖ୍ୟା | ଅଙ୍ଗନୱାଡି କେନ୍ଦ୍ରର ର ନାମ | ଅଙ୍ଗନୱାଡି ପରିସର | ଗ୍ରାମ ପଞ୍ଚାୟତ |
|---|---|---|---|
| ୧ | ଅଖଉକଟା | କରୁଣାକର ସାହୁ ଘର- ପ୍ରଦୀପ ସାହୁ ଘର | ଆମ୍ବରମୁଣ୍ଡା |

# OFFICE OF ICDS PROJECT ATHMALLIK

## ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଆଠମଲ୍ଲିକ

EMAIL: cdpoathma.or@nic.in

ଗୁରୁତ୍ୱପୂର୍ଣ୍ଣ ସୂଚନା :

ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଏବଂ ଜାତିଗତ ପ୍ରମାଣ ପତ୍ର ଏକ ବର୍ଷ ଅବଧି ମଧ୍ୟରେ ହୋଇଥିବା ଆବଶ୍ୟକ ।

- ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଏବଂ ଜାତିଗତ ପ୍ରମାଣ ପତ୍ର ଏକ ବର୍ଷ ଅବଧି ମଧ୍ୟରେ ହୋଇଥିବା ଆବଶ୍ୟକ । ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଏକାଠି ସ୍କାନ କରି ଅପଲୋଡ
- ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଏବଂ ସମ୍ପୃକ୍ତ ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀଙ୍କ ଠାରୁ ଲିଖିତ ପ୍ରମାଣ ପତ୍ର ଏକାଠି ସ୍କାନ କରି ଅପଲୋଡ କରିବା ଆବଶ୍ୟକ ।
- ନିର୍ଦ୍ଧାରିତ ଦରଖାସ୍ତରେ ସମ୍ପୂର୍ଣ୍ଣ ବିବରଣୀ କିମ୍ବା ଆବଶ୍ୟକୀୟ ପ୍ରମାଣ ପତ୍ର ଅପଲୋଡ ନହୋଇଥିଲେ ଦରଖାସ୍ତକୁ ନାକଚ କରିଦିଆଯିବ ।
- ପ୍ରାର୍ଥୀନୀ ଦେଇଥିବା ବିବରଣୀ କିମ୍ବା ଅପଲୋଡ କରିଥିବା କୌଣସି ପ୍ରମାଣ ପତ୍ର ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ତାଙ୍କ ନାମରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
- ଅଙ୍ଗନବାଡି ସହକର୍ମୀ ଏକ ସ୍ୱେଚ୍ଛାସେବୀ । ସ୍ୱେଚ୍ଛା ପ୍ରଦତ୍ତ ପାରଣା ୫,୦୦୦/- । ଏହା ଏକ ସମ୍ପୂର୍ଣ୍ଣ ଅସ୍ଥାୟୀ ନିଯୋଜନ, କୌଣସି ବେତନ ବ୍ୟବସ୍ଥା ଥାଇ ସରକାରୀ କିମ୍ବା ବେସରକାରୀ କର୍ମ ନିଯୁକ୍ତି ପରିସରଭୁକ୍ତ ନୁହଁ । ଏହି ନିଯୁକ୍ତିକୁ ଭିତ୍ତି କରି ସହକର୍ମୀ ସ୍ଥାୟୀ କର୍ମ ନିଯୋଜନ ଦାବି କରିପାରିବେ ନାହିଁ । ଯେ କୌଣସି ସମୟରେ ବିନା ନୋଟିସ ରେ କାର୍ଯ୍ୟ ରୁ ବହିଷ୍କାର କରାଯାଇପାରିବ ।
- ପ୍ରାର୍ଥୀନୀ https://engagement-awc.odisha.gov.in ର username ଓ password କୁ ମନେ ରଖିବା ଜରୁରି । ଏହା ଭବିଷ୍ୟତରେ କାମରେ ଆସିବ । ଦରଖାସ୍ତ ପକାଇବା ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ cdpoathma.or@nic.in ରେ ଏକ ଦରଖାସ୍ତ mail କରିପାରିବେ କିମ୍ବା ଅତ୍ର କାର୍ଯ୍ୟାଳୟକୁ ସକାଳ ୧୦ ଘଟିକା ରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଆସି ସେହି ବିଷୟରେ ବୁଝି ପାରିବେ (ଛୁଟି ଦିନ ବ୍ୟତୀତ) ।

(ସ୍ୱାକ୍ଷରିତ) ୦୬.୧୧.୨୪

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ

ପତ୍ରସଂଖ୍ୟା ୫୨୫ ତା: ୦୬.୧୧.୨୦୨୪

ଏହାର ଏକଠିକ ନକଲ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ଗ୍ରାମରେ, ଅଙ୍ଗନବାଡି ନୋଟିସ ବୋର୍ଡରେ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଆଠମଲ୍ଲିକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଗାଇ ଢୋଲ ମାଧ୍ୟମରେ ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

(ସ୍ୱାକ୍ଷରିତ) ୦୬.୧୧.୨୪

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ

ପତ୍ରସଂଖ୍ୟା ୫୨୬ ତା: ୦୬.୧୧.୨୪

ଏହାର ଏକଠିକ ନକଲ ସରପଞ୍ଚ ଆଠମଲ୍ଲିକଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରକାଶନ କରିବା ପାଇଁ ଅନୁରୋଧ ପୂର୍ବକ ପ୍ରେରଣ କରାଗଲା ।

(ସ୍ୱାକ୍ଷରିତ) ୦୬.୧୧.୨୪

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ

ପତ୍ରସଂଖ୍ୟା ୫୨୭ ତା: ୦୬.୧୧.୨୪

ଏହାର ଏକଠିକ ନକଲ ଉପ- ଜିଲ୍ଲାପାଳ, ଆଠମଲ୍ଲିକ/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠମଲ୍ଲିକ/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅନୁଗୁଳ ଙ୍କ ସଦୟ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ଦାଖଲ କରାଗଲା ।

(ସ୍ୱାକ୍ଷରିତ) ୦୬.୧୧.୨୪

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ